# NATIONAL NEWS BULLETIN (ODIA)

## 31 July - 2025

## Morning Bulletin : 7.15 A.M.

********************************************************

## ମୁଖ୍ୟ ସମ୍ବାଦ

- ପି.ଏମ୍. କିଶାନ୍ ସମ୍ମାନନିଧି ଯୋଜନାର ବିଂଶତମ କିସ୍ତି ଆସନ୍ତା ଶନିବାର ଦିନ ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ ।
- ଜାମ୍ମୁ କାଶ୍ମୀରକୁ ଆତଙ୍କବାଦୀ କାର୍ଯ୍ୟକଳାପରୁ ସମ୍ପୂର୍ଣ୍ଣ ମୁକ୍ତ କରିବା ଲାଗି ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ପର୍କିତ ସମ୍ମିଳନୀ ଆସନ୍ତା ବର୍ଷ ଫେବୃୟାରୀରେ ଆୟୋଜିତ ହେବ ଭାରତରେ ।
- ବ୍ୟାଙ୍କିଙ୍ଗ୍ ନିୟମ ସଂଶୋଧନ୍ ଆଇନ୍ ୨୦୨୫ ଲାଗୁ ହେବ ଆସନ୍ତାକାଲି ଠାରୁ ।

ଏବଂ

- ଆଣ୍ଡରସନ୍-ତେନ୍ଦୁଲକର ଟେଷ୍ଟ ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଆଜିଠାରୁ ଆରମ୍ଭ ହେବ ଓଭାଲରେ ।

# ଶିବରାଜ- ପିଏମ୍ କିଶାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଶନିବାର ଦିନ ପ୍ରଧାନମନ୍ତ୍ରୀ କିଶାନ୍ ସମ୍ମାନନିଧି ଯୋଜନାର ବିଂଶତମ କିସ୍ତି ପ୍ରଦାନ କରିବେ । ଗତକାଲି ନୂଆଦିଲ୍ଲୀ ଠାରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରୁ ଏହି ସୂଚନା ମିଳିଛି । ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଚୌହାନ କହିଛନ୍ତି, ଉତ୍ତରପ୍ରଦେଶର ବାରାଣାସୀ ଠାରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟ ସମାରୋହରେ ପ୍ରଧାନମନ୍ତ୍ରୀ ଯୋଗଦେଇ ଏହି କିସ୍ତି ପ୍ରଦାନ କରିବେ ।

**V/O-Sivraj Singh**

# ଅମିତ ଶାହା-ଅପରେସନ୍ ସିନ୍ଦୂର

ଜାମ୍ମୁ କାଶ୍ମୀରକୁ ଆତଙ୍କବାଦୀ କାର୍ଯ୍ୟକଳାପରୁ ନରେନ୍ଦ୍ର ମୋଦୀଙ୍କ ସରକାର ସମ୍ପୂର୍ଣ୍ଣ ମୁକ୍ତ କରିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପ୍ରତିଶ୍ରୁତି ଦେଇଛନ୍ତି । ଗତକାଲି ରାଜ୍ୟସଭାରେ ପହଲଗାମ ଆକ୍ରମଣ ପରିପ୍ରେକ୍ଷୀରେ ଭାରତର ଏକ ଶକ୍ତ ସଫଳ ତଥା ନିର୍ଣ୍ଣାୟକ ପଦକ୍ଷେପ ଅପରେସନ ସିନ୍ଦୂର ଉପରେ ଚାଲିଥିବା ଆଲୋଚନାର ଉତ୍ତର ଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଏହା ସୁନିଶ୍ଚିତ କରିଛନ୍ତି । ସେ କହିଛନ୍ତି, ଆତଙ୍କବାଦୀ ଏବଂ ସେମାନଙ୍କର ଭିତ୍ତିଭୂମିକୁ ନଷ୍ଟ କରିବା ଦିଗରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ସମ୍ପ୍ରତି ଶେଷ

ହୋଇଥିବା ଅପରେସନ ମହାଦେବର ସଫଳତା ଲାଗି ଶ୍ରୀ ଶାହା ସେନାବାହିନୀ ଏବଂ ସୁରକ୍ଷା ବାହିନୀ ଗୁଡ଼ିକର ଭୂମିକାକୁ ଭୂୟସୀ ପ୍ରଶଂସା କରିଛନ୍ତି । ଏହି ଅପରେସନ ମାଧ୍ୟମରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ସମ୍ପୃକ୍ତି ଥିବା ତିନି ଜଣ ଆତଙ୍କବାଦୀ ସୁରକ୍ଷା କର୍ମୀଙ୍କ ଗୁଳିରେ ନିହତ ହୋଇଛନ୍ତି ।

**V/O-AMIT-SHAH**

ଶ୍ରୀ ଶାହା କହିଛନ୍ତି, ପହଲଗାମ ଆକ୍ରମଣ ପରେ ଭାରତ' ସିନ୍ଧୁ ଜଳ ଚୁକ୍ତି ଏବଂ ଭିସା ପ୍ରଦାନ ପ୍ରକ୍ରିୟାକୁ ବାତିଲ କରିବା ସମେତ ପାକିସ୍ତାନ ବିରୁଦ୍ଧରେ ଅନେକ ଗୁଡ଼ିଏ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।

ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଥିବା ଆତଙ୍କବାଦୀ ଆଡ୍ଡା ଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେବା ଲାଗି ପଦକ୍ଷେପ ନେବା ଦିଗରେ ସରକାର ସେନାବାହିନୀକୁ ପୂର୍ଣ୍ଣ କ୍ଷମତା ପ୍ରଦାନ କରିଥିଲେ । ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଅପରେସନ୍ ସିନ୍ଦୂର ମାଧ୍ୟମରେ ୧୦୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀ ନିହିତ ହେବା ସହିତ ଅନେକ ଗୁଡ଼ିଏ ଆତଙ୍କୀ ଆଡ୍ଡା ଗୁଡ଼ିକୁ ମଧ୍ୟ ନଷ୍ଟ କରିଦିଆଯାଇଛି । ଏତଦ୍‌ବ୍ୟତୀତ ପାକିସ୍ତାନର ଆକ୍ରମଣ କରିବାର କ୍ଷମତାକୁ ମଧ୍ୟ ଅପରେସନ୍ ସିନ୍ଦୂର ମାଧ୍ୟମରେ ସମ୍ପୂର୍ଣ୍ଣ ଅକାମି କରାଇ ଦିଆଯାଇଥିଲା ।

ଏହା ପରେ ପାକିସ୍ତାନ ପକ୍ଷରୁ ଏହି ଅପରେସନକୁ ବନ୍ଦ କରିବା ଲାଗି ଭାରତକୁ ଅନୁରୋଧ କରାଯାଇଥିଲା ବୋଲି ଶ୍ରୀ ଶାହା କହିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଏହି ଉତ୍ତର ଦେବା ସମୟରେ ଅପରେସନ୍ ସିନ୍ଦୂର ଉପରେ

ପ୍ରଧାନମନ୍ତ୍ରୀଙ୍କର ଉତ୍ତର ଦାବି କରି ବିରୋଧୀ ଦଳ ଗୁଡ଼ିକ ପକ୍ଷରୁ କକ୍ଷତ୍ୟାଗ କରାଯାଇଥିଲା ।

## ଏଆଇ ଏମ୍‌ପାକ୍ଟ ସମିଟ୍

କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ପର୍କିତ ସମ୍ମିଳନୀ ଭାରତ ଆସନ୍ତା ବର୍ଷ ଫେବୃୟାରୀ ମାସରେ ଆୟୋଜନ କରିବ । କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତକାଲି ଲୋକସଭାରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଜନକଲ୍ୟାଣ ଦିଗରେ କୃତ୍ରିମ ବୁଦ୍ଧିମତାକୁ ସୁଗମ ତଥା ଲାଭ ଦାୟକ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଏଥିରେ ପ୍ରତିଫଳିତ ହେଉଛି । ସମାଜର ସମସ୍ତ ବର୍ଗର ଲୋକଙ୍କ ନିକଟରେ ଆଧୁନିକ ଜ୍ଞାନକୌଶଳ ପହଞ୍ଚାଇବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଦୃଷ୍ଟିକୋଣକୁ ଏହି ସମ୍ମିଳନୀ ମାଧ୍ୟମରେ ସାକାର କରାଯାଇ ପାରିବ । ବିଶେଷ କରି ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି, ଜଳବାୟୁ ପରିବର୍ତ୍ତନ ଓ ସୁଶାସନ ଭଳି ଆହ୍ୱାନର ସମ୍ମୁଖୀନ ହେଉଥିବା କ୍ଷେତ୍ର ଗୁଡ଼ିକରେ କୃତ୍ରିମ ବୁଦ୍ଧିମତା ଉପଯୋଗ କରାଯାଇ ଏହାର ମୁକାବିଲା କରିବା ଲାଗି ପଦକ୍ଷେପ ନିଆଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

# ବ୍ୟାଙ୍କିଙ୍ଗ୍ ଲ

ବ୍ୟାଙ୍କିଙ୍ଗ୍ ନିୟମ ସଂଶୋଧନ୍ ଆଇନ୍ ୨୦୨୫ ଆସନ୍ତାକାଲି ଠାରୁ ଲାଗୁ ହେବ । ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହିତ ପୁଞ୍ଜିନିବେଶକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ଆଇନ୍ ପ୍ରଣୟନ କରାଯାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ସୂଚନା ଦେଇଛି । ଏହି ଆଇନ୍ ସମ୍ପର୍କିତ ବିଜ୍ଞପ୍ତି ଚଳିତ ବର୍ଷ ଏପ୍ରିଲ୍ ୧୫ ତାରିଖରେ ପ୍ରକାଶ ପାଇଥିଲା ବୋଲି ମନ୍ତ୍ରଣାଳୟ କହିଛି ।

# ସହିଦ ଉଧମ ସିଂହ

ମହାନ ବିପ୍ଲବୀ ସହିଦ ଉଧମ ସିଂହଙ୍କ ୮୬ତମ ସହିଦ୍ ଦିବସ ଅବସରରେ କୃତଜ୍ଞ ରାଷ୍ଟ୍ର ଆଜି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି । ଏ ସମ୍ପର୍କରେ ଏକ ରିପୋର୍ଟ :

**V/O-RAJESH-BALI**

# ଏଲ୍ଏସ୍-ରେଲୱେଜ୍ କବଚ୍

ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଟ୍ରେନ୍ ସୁରକ୍ଷା ବ୍ୟବସ୍ଥା କବଚ୍ ୪ ଦଶମିକ୍ ଶୂନ୍ର ଆଧୁନିକ ସଂସ୍କରଣକୁ କୋଟା ମଥୁରା ସେକ୍ସନ୍ରେ ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରାଯିବ । ଗତକାଲି ଲୋକସଭାରେ ରେଳ ମନ୍ତ୍ରୀ ଅଶ୍ୱିନୀ

ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଦେଶରେ ରେଳ ଯାତ୍ରାକୁ ଅଧିକ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ପ୍ରଚଳିତ ବ୍ୟବସ୍ଥାର ଆଧୁନିକୀକରଣ ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ । ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣ ଅନୁଯାୟୀ ଏହି କବଚ ଫୋର୍ ପଏଣ୍ଟ ଜିରୋକୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମାଣ କରାଯାଇଛି ବୋଲି ରେଳ ମନ୍ତ୍ରୀ କହିଛନ୍ତି ।

## ଶିବରାଜ-ଏସ୍ଏଚ୍‌ଜି

ଦିନ୍ ଦୟାଲ୍ ଅନ୍ତୋଦୟ ଯୋଜନାର ଜାତୀୟ ଗ୍ରାମୀଣ ଜୀବିକା ମିଶନ୍ ଅଧୀନରେ ବିଭିନ୍ନ ଆର୍ଥିକ ସଂସ୍ଥା ଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକୁ ୧୧ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ ପ୍ରଦାନ କରାଯାଇଛି ବୋଲି କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ସେ କହିଛନ୍ତି, ସମାବେଶୀ ଗ୍ରାମୀଣ ବିକାଶ, ମହିଳାଙ୍କର ଆର୍ଥିକ ସଶକ୍ତିକରଣ ଏବଂ ଗ୍ରାମୀଣ ସ୍ତରରେ ଆତ୍ମନିର୍ଭର କରିବା ଦିଗରେ ସରକାରଙ୍କର ଦୃଢ଼ ପ୍ରତିବଦ୍ଧତା ଏହାଦ୍ୱାରା ପ୍ରତିଫଳିତ ହେଉଛି । ଗ୍ରାମୀଣ ମହିଳାମାନଙ୍କୁ ଏହି ଋଣ ପ୍ରଦାନ କରିବା ଦିଗରେ ବିଭିନ୍ନ ବ୍ୟାଙ୍କ୍ ଓ ବ୍ୟାଙ୍କ୍ ଶଖିମାନଙ୍କର ଭୂମିକାକୁ ଶ୍ରୀ ଚୌହାନ ପ୍ରଶଂସା କରିଛନ୍ତି । ଏହି ଯୋଜନା ସମେତ ଲକ୍ଷପତି ଦିଦି ମାଧ୍ୟମରେ ମଧ୍ୟ ସରକାର ଗ୍ରାମୀଣ ଭାରତର ଲକ୍ଷ ଲକ୍ଷ ମହିଳାଙ୍କର ଆର୍ଥିକ ସ୍ଥିତିକୁ ରୂପାନ୍ତରିକରଣ କରିବା ଦିଗରେ ବିହିତ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ଚୌହାନ କହିଛନ୍ତି ।

## ଇଣ୍ଡିଆ-ୟୁଏସ୍ ଟାରିଫ୍

ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିବା ସମ୍ପର୍କରେ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କର ବିବୃତ୍ତି ପରେ କେନ୍ଦ୍ର ସରକାର ଏହାର ପ୍ରଭାବ ଉପରେ ଅନୁଧ୍ୟାନ କରୁଛନ୍ତି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତ୍ତି ଜାରି କରି ଏହି ସୂଚନା ଦିଆଯାଇଛି । ଜାତୀୟ ସୁରକ୍ଷା, ସମ୍ପ୍ରତି ବ୍ରିଟେନ୍ ସହିତ ସମ୍ପନ୍ନ ହୋଇଥିବା ସମନ୍ୱିତ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମା ସମେତ ଅନ୍ୟାନ୍ୟ ବାଣିଜ୍ୟ ଚୁକ୍ତିନାମାକୁ ସୁରକ୍ଷିତ ରଖିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେବେ ବୋଲି ଏହି ବିବୃତ୍ତିରେ କୁହାଯାଇଛି । ସେହିଭଳି କୃଷକ, ଉଦ୍ୟୋଗୀ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀଙ୍କର କଲ୍ୟାଣ ତଥା ସ୍ୱାର୍ଥକୁ ସୁରକ୍ଷିତ ରଖିବା ଦିଗରେ ମଧ୍ୟ ସରକାର ବିହିତ ପଦକ୍ଷେପ ନେ ବୋଲି ମନ୍ତ୍ରଣାଳୟ କହିଛି ।

## ନେପାଳ-ଫ୍ଲଡ୍

ନେପାଳର ରାସୁଆ ଜିଲ୍ଲା ଅନ୍ତର୍ଗତ ଭୋଟେକୋଶି ନଦୀରେ ହଠାତ୍ ବନ୍ୟା ଦେଖାଦେବାରୁ ଆଜି ପୁଣିଥରେ ସିଆବ୍ରୁବେଶି-ରାସୁଆଗାଢ଼ି ସଡ଼କ ପଥରେ ଜାତାୟତ ବାଧାପ୍ରାପ୍ତ ହୋଇଛି । ଏହି ବନ୍ୟା ଫଳରେ ନୂଆ କୋର୍ଟ୍ ଓ ରାସୁଆ ଜିଲ୍ଲା ସୀମାରେ ଥିବା ଉତ୍ତର ଗୟାଧାମ ପ୍ରଭାବିତ ହୋଇଛି । ଭୋଟେକୋଶି ଏବଂ ତ୍ରିଶୁଳି ନଦୀ କୂଳରେ ଥିବା ରାସୁଆ, ନୂଆକୋର୍ଟ୍ ଓ ଧାଡ଼ିଙ୍ଗ୍ ଜିଲ୍ଲାର ଜନସାଧାରଣଙ୍କୁ ସତର୍କ କରାଇ ଦିଆଯାଇଛି । ଚୀନ୍‌ର ତୀବ୍ବତ ଅଞ୍ଚଳରୁ ନେପାଳକୁ ପ୍ରବାହିତ ହୋଇଥିବା ଲେଣ୍ଡେ ସ୍ରୋତରେ ବନ୍ୟା

ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ପୂର୍ବରୁ ଜୁଲାଇ ୮ ତାରିଖରେ ଅନୁରୂପ ସ୍ଥିତି ଲାଗି ୧୯ ଜଣଙ୍କର ପ୍ରାଣହାନୀ ହୋଇଥିଲା । ଇତିମଧ୍ୟରେ ପ୍ରବଳ ବର୍ଷା ଯୋଗୁଁ ନେପାଳର ପୂର୍ବାଞ୍ଚଳରେ ଅନେକ ଜାତୀୟ ରାଜପଥରେ ଜାତାୟତ ବାଧାପ୍ରାପ୍ତ ହୋଇଥିବା ଜଣାଯାଇଛି ।

## କ୍ରିକେଟ୍

ଆଣ୍ଡରସନ୍-ତେନ୍ଦୁଲକର ଟେଷ୍ଟ ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଆଜିଠାରୁ ଲଣ୍ଡନର ଓଭାଲ ଠାରେ ଆରମ୍ଭ ହେବ । ଏହି ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ୩ଟା ୩୦ ମିନିଟ୍‌ରୁ ଆରମ୍ଭ ହେବ । ବର୍ତ୍ତମାନ ଇଂଲଣ୍ଡ ଏହି ସିରିଜ୍‌ରେ ୨-୧ରେ ଅଗ୍ରଣୀ ରହିଛି । ଭାରତୀୟ ଦଳରେ ଆହତ ରିଷଭ ପନ୍ତଙ୍କ ସ୍ଥାନରେ ଧ୍ରୁବ୍ ଜୁରେଲ ସ୍ଥାନ ପାଇବେ । ତେଣୁ ଏହି ମ୍ୟାଚ୍‌ଟିରେ ବିଜୟୀ ହୋଇ ଭାରତ ସିରିଜ୍ ବରାବର କରିବାକୁ ଚେଷ୍ଟା କରିବ । ତେବେ ଇଂଲଣ୍ଡ ଏହି ମ୍ୟାଚ୍ ଜିତି ସିରିଜ୍ ହାତେଇବାକୁ ପ୍ରଚେଷ୍ଟା କରିବାର ଆଶା କରାଯାଉଛି ।

## ବ୍ୟାଡ୍‌ମିଣ୍ଟନ୍

ମାକାଉ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟକୁ ଭାରତର ଲକ୍ଷ୍ୟ ସେନ, ଆୟୁଷ ସେଟ୍ଟୀ ଏବଂ ଥରୁନ୍ ମାନେପାଲ୍ଲି ଉନ୍ନିତ ହୋଇଛନ୍ତି । ଲକ୍ଷ୍ୟ କୋରିଆର ଜିଓନ୍ ହିଓକ୍ ଜିନ୍‌ଙ୍କୁ ୨୧-୮, ୨୧-୧୪ରେ, ଆୟୁଷ

ଚୀନ୍‌ର ହ୍ୱାଙ୍ଗ୍ ୟୁ କାଇଙ୍କୁ ୨୧-୧୦, ୨୧-୧୧ ଏବଂ ଥରୁନ୍ ଭାରତର ଅନ୍ୟତମ ଖେଳାଳି ମନ୍‌ରାଜ ସିଂହଙ୍କୁ ୨୧-୧୯, ୨୧-୧୩ ସେଟ୍‌ରେ ପରାସ୍ତ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟର ମିକ୍ସଡ୍ ଡବଲ୍ସ ବର୍ଗରେ ଭାରତର ଧ୍ରୁବ କପିଳା ଓ ତାନିସା କ୍ରାଷ୍ଟୋ, ଥାଇଲାଣ୍ଡର ରାଚାପୋଲ ମାକା-ସାସି-ଥୋର୍ଣ୍ଣ ଓ ନାଟାମନ୍ ଲାଇଓ୍ୱାନ୍‌ଙ୍କ ଯୋଡ଼ିକୁ ୨୧-୧୦, ୨୧-୧୫ ସେଟ୍‌ରେ ପରାସ୍ତ କରିଛନ୍ତି ।